ଆର୍.ଏଲ୍.ମୀନା ଏବଂ ଅନ୍ୟମାନେ

ବନାମ

ଭାରତ ସଂଘ ଏବଂ ଅନ୍ୟମାନେ

ସେପ୍ଟେମ୍ବର 4,2000

[ଏମ୍. ଜଗନ୍ନାଧ ରାଓ ଏବଂ ଡୋରାଇସ୍ୱାମୀ ରାଜୁ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ-ଭାରତୀୟ ପୋଲିସ ସେବା-ସବର୍ଗ- ଦିଲ୍ଲୀ ଏବଂ ଆଣ୍ଡାମାନ ନିକୋବର ପୋଲିସ ସେବା -ଅରୁଣାଚଳ, ଗୋଆ, ମିଜୋରାମ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ସବର୍ଗରେ ଆଇ. ପି. ଏସ୍. କୁ ପଦୋନ୍ନତି ଅଧିକାରୀ- ଏପରି ଅଧିକାରୀଙ୍କ ଦ୍ୱାରା ରିଟ୍ - ଏକ ପିଛିଲା ତାରିଖ ଠାରୁ ଆଇ. ପି. ଏସ୍. ରେ ଶ୍ରେଣୀଭୁକ୍ତ ହେବାକୁ ଚାହୁଁଥିବା – ସର୍ବୋଚ୍ଚନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ-ଆବେଦନକାରୀମାନେ ଯେଉଁ ପଦବୀକୁ ଶ୍ରେଣୀଭୁକ୍ତ ବୋଲି ବିବେଚନା କରନ୍ତି ତାହାର ବିବରଣୀ ଦେଇ କେନ୍ଦ୍ର ସରକାରଙ୍କ ସମ୍ମୁଖରେ ଏକ ବିସ୍ତୃତ ପ୍ରତିନିଧିତ୍ୱ ଦାଖଲ କରିବା ଉଚିତ -ପ୍ରତିନିଧିତ୍ୱ ମଧ୍ୟ ପିଛିଲା ତାରିଖ ଠାରୁ ଅନ୍ତର୍ଭୁକ୍ତ ହେବାର କାରଣ ଦେବା ଉଚିତ- କେନ୍ଦ୍ର ସରକାର ସମ୍ପୃକ୍ତ ରାଜ୍ୟ ସହିତ ପରାମର୍ଶ କରି ପ୍ରତିନିଧିତ୍ୱ ଉପରେ ବିଚାର କରିବା ଉଚିତ ଏବଂ ଛଅ ମାସ ମଧ୍ୟରେ ଉପଯୁକ୍ତ ନିର୍ଣ୍ଣୟ ନିଅନ୍ତୁ ।*

ତାମିଲନାଡୁ ପ୍ରଶାସନିକ ସେବା ଅଧିକାରୀ ସଂଘ **ବନାମ** ଭାରତ ସଂଘ, **[2000] 3 SCALE 98,** ଉଲ୍ଲେଖ କରାଯାଇଛି ।

ଦେୱାନୀ ମୂଳ କ୍ଷେତ୍ରାଧିକାର ରିଟ୍ ଆବେଦନ (C) ସଂଖ୍ୟା 135/2000

(ଭାରତୀୟ ସମ୍ବିଧାନର ଧାରା 32 ଅନ୍ତର୍ଗତ)

ଆବେଦନକାରୀଙ୍କ ପାଇଁ ପି.ପି.ରାଓ, ବିକ୍ରାନ୍ତ ଯାଦବ, ସଞ୍ଜୟ ହେଗଡେ ଏବଂ ପ୍ରବୀଣ ସ୍ୱରୂପ ।

ଉତ୍ତରଦାତାଙ୍କ ପାଇଁ ଶ୍ରୀ ମୁକୁଲ୍ ରୋହତାଗୀ ଅତିରିକ୍ତ ମହାନ୍ୟାୟଭିକର୍ତ୍ତା, ବି. କୃଷ୍ଣ ପ୍ରସାଦ, ଏବଂ ଟି.ସି.ଶର୍ମା ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଆବେଦନକାରୀମାନେ ଅରୁଣାଚଳ, ଗୋଆ, ମିଜୋରାମ, କେନ୍ଦ୍ରଶାସିତ ଅଞ୍ଚଳ ସବର୍ଗରେ ଭାରତୀୟ ପୋଲିସ ସେବା (ଆଇପିଏସ୍)ର ଅଧିକାରୀ ଅଟନ୍ତି । ସେମାନେ ସମସ୍ତେ ଦିଲ୍ଲୀ ଏବଂ

ଆଣ୍ଡାମାନ ନିକୋବର ପୋଲିସ ସେବାରୁ ଆଇପିଏସ୍ କୁ ପଦୋନ୍ନତି ପାଇଛନ୍ତି ଯାହା ଆଇପିଏସ୍ ର ପରିପୋଷକ ସେବା ମଧ୍ୟରୁ ଗୋଟିଏ । ଆବେଦନକାରୀମାନେ ନିମ୍ନଲିଖିତ ପ୍ରତିକାର ମାଗି ଭାରତୀୟ ସମ୍ବିଧାନର ଧାରା 32 ଅନୁଯାୟୀ ଏହି ଆବେଦନ ଦାଖଲ କରିଥିଲେ । "ଭାରତୀୟ ସମ୍ବିଧାନର ଧାରା 14 ଏବଂ 16 ର ଉଲ୍ଲଂଘନକାରୀ ଏବଂ ମନମୁଖୀ ଭାବରେ 31.12.97 ତାରିଖର ଅଧିସୂଚନାକୁ ନାକଚ କରିବା ପାଇଁ ରିଟ୍, ଆଦେଶ କିମ୍ବା ନିର୍ଦ୍ଦେଶ ଜାରି କରିବା ଏବଂ ଆବେଦନକାରୀ ଏବଂ ସମାନ ଭାବରେ ଅବସ୍ଥାପିତ ଅନ୍ୟ ସମସ୍ତ ଅଖିଳ ଭାରତୀୟ ସେବା ଅଧିକାରୀମାନଙ୍କୁ 29 ଏପ୍ରିଲ୍, 1985 ରୁ ଶ୍ରୀ କେ.କେ. ଗୋସ୍ୱାମୀ ଏବଂ ମଧ୍ୟପ୍ରଦେଶ ଅରଣ୍ୟ ସେବାର ଅନ୍ୟାନ୍ୟ ଅଧିକାରୀମାନଙ୍କୁ ପ୍ରତିକାର ପ୍ରଦାନ କରିବା ତାରିଖରୁ ସମସ୍ତ ସୁବିଧା ପ୍ରଦାନ କରାଯାଇପାରିବ ବୋଲି ପୁନଃ ନିର୍ଦ୍ଦେଶ ଦେବା ।"

ଏହି ଅଦାଲତରେ ଶୁଣାଣି ପାଇଁ ଏହି ରିଟ୍ ଆବେଦନ ଆସିବା ତାରିଖ ସୁଦ୍ଧା, ଏହି ନ୍ୟାୟାଳୟ ରିଟ୍ ଆବେଦନ ସଂଖ୍ୟା 613/1994 ଏବଂ ଭାରତ ସଂଘ ଏବଂ ଅନ୍ୟମାନଙ୍କ ବିରୋଧରେ ତାମିଲନାଡୁ ପ୍ରଶାସନିକ ସେବା ଅଧିକାରୀ ସଂଘ ଦ୍ୱାରା ଦାଖଲ ହୋଇଥିବା ସମୂହର ସମାଧାନ କରିଥିଲେ ।

28.7.2000 ରେ ଏହି ରିଟ୍ ଆବେଦନ ଗ୍ରହଣ କରିବା ସମୟରେ ଆବେଦନକାରୀଙ୍କ ପାଇଁ ବିଜ୍ଞ ବରିଷ୍ଠ ଅଧିବକ୍ତା ଉପସ୍ଥାପନ କରିଥିଲେ ଯେ, ଆବେଦନକାରୀମାନେ ଉପରୋକ୍ତ *ତାମିଲନାଡୁ ଅଧିକାରୀଙ୍କ* ମାମଲାରେ ଜାରି କରାଯାଇଥିବା ନିର୍ଦ୍ଦେଶ ଭଳି ଏକ ନିର୍ଦ୍ଦେଶ ଚାହୁଁଛନ୍ତି ଯାହା 2000 ( 3) SCALE 98 ରେ ବିବୃତ କରାଯାଇଛି।

ଉତ୍ତରଦାତାମାନଙ୍କ ପାଇଁ ବିଜ୍ଞ ଅତିରିକ୍ତ ମହାନ୍ୟାୟଭିକର୍ତ୍ତା ଏବଂ ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିବା ପରେ, ଆମର ମତ ହେଉଛି ଯେ, ଏହି ମାମଲାରେ ମଧ୍ୟ ସମାନ ନିର୍ଦ୍ଦେଶ ଜାରି କରାଯିବ । ଆମେ ନିମ୍ନମତେ ନିର୍ଦ୍ଦେଶ ଦେଉଛୁ :

> " ଆବେଦନକାରୀମାନେ କେନ୍ଦ୍ର ସରକାରଙ୍କୁ ଏକ ବିସ୍ତୃତ ପ୍ରତିନିଧିତ୍ୱ ଦାଖଲ କରିବାକୁ ମୁକ୍ତ ଅଛନ୍ତି, ପଦଟିର ସମସ୍ତ ବିବରଣୀ ପ୍ରଦାନ କରିବା ଯାହା ସେମାନେ ଗ୍ରହଣ କରିବା ପାଇଁ ଉପଯୁକ୍ତ ବୋଲି ବିବେଚନା କରନ୍ତି ଏବଂ ଏକ ପିଛିଲା ତାରିଖ ସହିତ ସେମାନଙ୍କୁ କାହିଁକି ଅନ୍ତର୍ଭୁକ୍ତ କରାଯିବା ଉଚିତ ତାହାର ସ୍ୱତନ୍ତ୍ର କାରଣ ଏବଂ ଏହିପରି ପ୍ରତିନିଧିତ୍ୱ କରାଯିବା ପରେ, କେନ୍ଦ୍ର ସରକାର ସମ୍ପୃକ୍ତ ରାଜ୍ୟ ସରକାରଙ୍କ ସହ ପରାମର୍ଶ କରି ଏହି ପ୍ରତିନିଧିତ୍ୱ

ଉପରେ ବିଚାର କରିବେ ଏବଂ ସେହି ପ୍ରତିନିଧିତ୍ୱ ପ୍ରାପ୍ତିର ଛଅ ମାସ ମଧ୍ୟରେ ଏହି ପ୍ରସଙ୍ଗରେ ଉପଯୁକ୍ତ ନିଷ୍ପତ୍ତି ନେବେ । ତଦନୁସାରେ ଆବେଦନ ଏବଂ ଅପିଲଗୁଡ଼ିକର ପରିସମାପ୍ତି କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।"

ଉପରୋକ୍ତ ନିର୍ଦ୍ଦେଶାବଳୀ ଅନୁଯାୟୀ ରିଟ୍ ଆବେଦନର ପରିସମାପ୍ତି କରାଯାଇଛି ।

ଟି. ଏନ୍. ଏ. ଆବେଦନର ପରିସମାପ୍ତି ଘଟିଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷା ରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କାରଣ ଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ । "

**ଅନୁବାଦିକା : ଶୁଭଶ୍ରୀ ମିଶ୍ର**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ ,କଟକ**